# ଗଞ୍ଜାମ ଜିଲାରେ ବିଜେଡିର ବିପର୍ଯ୍ୟୟ

## ■ ହିଞ୍ଜିଳିରେ କମ୍ ଭୋଟ ବ୍ୟବଧାନରେ ଜିତିଲେ ନବୀନ ■ ୨ ଲୋକ ସଭା, ୧୧ ବିଧାନସଭା ଦଖଲ କଲା ଭାଜପା

ବ୍ରହ୍ମପୁର,୪।୬(ନରସିଂହ ସାହୁ)

୨୦୨୪ ନିର୍ବାଚନରେ ଗଞ୍ଜାମ ଜିଲା ରାଜନୀତି ଓଲଟପାଲଟ ହୋଇଯାଇଛି। ୨୦୦୦ରୁ ୨୦୧୯ ମଧ୍ୟରେ ହୋଇଥିବା ୫ ନିର୍ବାଚନରେ ବିଜେଡି ବାଜିମାତ୍ କରିଥିବା ଏହି ଜିଲାକୁ ଭାଜପା ପ୍ରଥମଥର ଦଖଲକୁ ନେଇଯାଇଛି। ବ୍ରହ୍ମପୁର ଲୋକ ସଭା କ୍ଷେତ୍ରର ଲକ୍ଷାଧିକ ଭୋଟରେ ଜିତିଥିବା ଭାଜପା ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀ ବିଜେଡିର ଲେଖା ଛିଡ଼ାଇଛନ୍ତି। ସେହିପରି ଆସିକା ଲୋକ ସଭା କ୍ଷେତ୍ରରୁ ବିଜେଡି ପ୍ରାର୍ଥିନୀ ରଞ୍ଜିତା ସାହୁଙ୍କଠାରୁ ଲକ୍ଷାଧିକ ଭୋଟ ବ୍ୟବଧାନରେ ଭାଜପାର ଅନିତା ଶୁଭଦର୍ଶିନୀ ବିଜୟୀ ହୋଇଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟ, ଜିଲାରୁ ଏକମାତ୍ର ବିଜେଡି ପ୍ରାର୍ଥୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ପାରମ୍ପରିକ ଆସନ ହିଞ୍ଜିଳି ନିର୍ବାଚନ ମଣ୍ଡଳିରୁ ମାତ୍ର ୪୬୪୯ ଭୋଟ ବ୍ୟବଧାନରେ ନିର୍ବାଚିତ ହୋଇଛନ୍ତି। ଜିଲାର ୧୩ ବିଧାନସଭା କ୍ଷେତ୍ର ମଧ୍ୟରୁ ନବୀନଙ୍କ ପରେ କଂଗ୍ରେସରୁ ସାନଖେମୁଣ୍ଡିରୁ ପୁନର୍ବାର ଜିତିଛନ୍ତି ରମେଶ ଚନ୍ଦ୍ର ଜେନା। ୧୧ ଆସନରେ ଭାଜପା ପ୍ରାର୍ଥୀମାନେ ବିପୁଳ ଭୋଟ ବ୍ୟବଧାନରେ ଜିତିଛନ୍ତି। ବ୍ରହ୍ମପୁର ବିଧାନସଭା ଆସନରୁ ବିଜେଡି ପ୍ରାର୍ଥୀ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କୁ ପରାଜିତ କରି ଭାଜପା ପ୍ରାର୍ଥୀ କେ. ଅନୀଲ କୁମାର ବାଜିମାତ୍ କରିଛନ୍ତି। ସେହିପରି ଭଞ୍ଜନଗରରୁ ବିକ୍ରମ କେଶରୀ ଆରୁଖଙ୍କୁ ପରାସ୍ତ କରି ଭାଜପାର ପ୍ରଦ୍ୟୁମ୍ନ ନାୟକ, ସୋରଡ଼ାରୁ ବିଜେଡିର ସଂଘମିତ୍ରା ସ୍ୱାଇଁଙ୍କ ପରାସ୍ତ କରି ଭାଜପାର ନୀଳମଣି ବିଶୋୟୀ ଜିତିଛନ୍ତି। ଆସିକାରୁ ଭାଜପାର ସରୋଜ ପାଢ଼ୀ ବିଜେଡି ପ୍ରାର୍ଥୀ ମଞ୍ଜୁଳା ସ୍ୱାଇଁଙ୍କୁ ହରାଇଛନ୍ତି। କଂଗ୍ରେସ ପ୍ରାର୍ଥୀ ରମେଶ ଚନ୍ଦ୍ର ଜେନାଙ୍କୁ ଟକ୍କର ଦେଇଥିବା ବିଜେଡିର ସୁଲକ୍ଷଣା ଗୀତାଞ୍ଜଳି ପରାଜିତ ହୋଇଛନ୍ତି। ଏହା ସହ ଦିଗପହଣ୍ଡିରୁ ଭାଜପା ପ୍ରାର୍ଥୀ ସିଦ୍ଧାନ୍ତ ମହାପାତ୍ର, ଚିକିଟିରୁ ମନୋରଞ୍ଜନ ଦ୍ୟାନ ସାମନ୍ତରା, ଗୋପାଳପୁରରୁ ବିଭୂତି ଜେନା, ଛତ୍ରପୁରରୁ କୃଷ୍ଣଚନ୍ଦ୍ର ନାୟକ, ଖଲ୍ଲିକୋଟରୁ ପୂର୍ଣ୍ଣଚନ୍ଦ୍ର ସେଠୀ, କବିସୂର୍ଯ୍ୟନଗରରୁ ପ୍ରତାପ ନାୟକ, ପୋଲସରାରୁ ଗୋକୁଳାନନ୍ଦ ମଲିକ ଜିତିଛନ୍ତି।

ଏହି ଜିଲାରେ ଦୀର୍ଘଦିନରୁ ବିଜେଡି କର୍ମୀଙ୍କ ଲାଗି ରହିଥିବା ଅସନ୍ତୋଷ, ବ୍ୟୁରୋକ୍ରାଟ ଶାସନରେ ଅତିଷ୍ଠ ଦଳର ଜନ ପ୍ରତିନିଧି ଅଣ ନିଃଶ୍ୱାସୀ ହୋଇଥିବା ଏବଂ ଶୀର୍ଷ ସ୍ତରରେ ଏକଛତ୍ରବାଦ ନୀତି ଓ ପ୍ରାର୍ଥୀ ଚୟନରେ ବିଭ୍ରାଟର ପ୍ରତିଫଳନ ବୋଲି ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି। ଭୋଟ ଫଳାଫଳ ରାତ୍ର ସାଢ଼େ ୯ଟା ସୁଦ୍ଧା ସରକାରୀ ଭାବେ ସୂଚନା ଦିଆଯାଇନଥିଲେ ମଧ୍ୟ ଗଣତି ସ୍ଥଳରୁ ଉପରୋକ୍ତ ବିଷୟ ଜଣାପଡ଼ିଛି।

## ଆସିକା ବିଧାୟକ ହେଲେ ସରୋଜ ପାଢ଼ୀ



ବାସଭବନରେ ସମର୍ଥକଙ୍କ ସହ ସରୋଜ ପାଢୀ।

ଆସିକା, ୪।୬ (ସୁରେନ୍ଦ୍ର ନାଥ ସାହୁ)

ଗଞ୍ଜାମ ଜିଲାର ବହୁ ଚର୍ଚ୍ଚିତ ଆସିକା ବିଧାନସଭା ନିର୍ବାଚନ ମଣ୍ଡଳିରେ ଭାଜପା ପ୍ରାର୍ଥୀ ସରୋଜ କୁମାର ପାଢୀ ବିଧାୟକ ରୂପେ ନିର୍ବାଚିତ ହୋଇଛନ୍ତି। ଗତ ୧୫ବର୍ଷ ଧରି ବିଜେଡି ଦଖଲରେ ଥିବା ଏହି ଆସନକୁ ବିଜେଡି ହାତରୁ ଛଡାଇ ଆଣିଥିବା ସରୋଜଙ୍କ ବିଜୟରେ ତାଙ୍କର କର୍ମୀ ଓ ସମର୍ଥକଙ୍କ ମହଲରେ ଖୁସିର ଲହରି ଖେଳିଯାଇଛି। ସରୋଜ ୫୯ହଜାର ୦୮୩ ଖଣ୍ଡ ଭୋଟ ପାଇଥିଲା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପୂର୍ବତନ ବିଜେଡି ବିଧାୟିକା ମଞ୍ଜୁଳା ସ୍ୱାଇଁ ୫୧ ହଜାର ୦୨୪ ଭୋଟ ପାଇଥିବା ଜଣାପଡିଛି। ସେହିଭଳି ଅନ୍ୟତମ କଂଗ୍ରେସ ପ୍ରାର୍ଥୀ ସୁରଭୀ ବିଷୋୟୀ ୫ ହଜାର ୨୩୨ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଛନ୍ତି। ଶ୍ରୀ ପାଢୀ ୮ ହଜାର ୫୯ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ତାଙ୍କର ବିଜୟ ପରେ ଖମ୍ବେଶ୍ୱରୀପାଟଣାସ୍ଥିତ ବାସଭବନରେ କର୍ମୀ ଓ ସମର୍ଥକଙ୍କ ଭିଡ ବଢିବାରେ ଲାଗିଛି। ଏଥି ପୂର୍ବରୁ ଗତ ୨୦୦୪ ରୁ ୨୦୦୯ ଯାଏଁ ଏହି ଆସନରୁ ସ୍ୱାଧୀନ ଭାବେ ଲଢି ବିଧାୟକ ରୂପେ ନିର୍ବାଚିତ ହୋଇଥିଲେ।

## ସଂକ୍ଷେପରେ

### ଭୋଟଗଣତି କେନ୍ଦ୍ର ନିକଟରେ ବଜ୍ରପାତ, ଜଣେ ମୃତ

ପାରଳାଖେମୁଣ୍ଡି, ୪।୬ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରରେ ମତଗଣନା ହେଉଥିବା ବେଳେ ଏହାର ନିକଟସ୍ଥ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡିଆରେ ବଜ୍ରପାତ ଘଟି ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ପାରଳାଖେମୁଣ୍ଡି ସହରର ଖଞ୍ଜାସାହି ନିବାସୀ ବି.ଆପାଲାସ୍ୱାମୀ(୫୫)। ମହାବିଦ୍ୟାଳୟରେ ଭୋଟ ଗଣତି ଚାଲିଥିବା ବେଳେ ସେ ଭୋଟ ଗଣତି ପ୍ରସାରଣ ଦେଖିବାକୁ ଯାଇଥିଲେ। ଏହି ସମୟରେ ମଧ୍ୟାହ୍ନରେ କାଳ ବୈଶାଖୀ ପ୍ରଭାବରେ ହଠାତ ବଜ୍ରପାତ ସହ ବର୍ଷା ପବନ ହୋଇଥିଲା। ତାଙ୍କୁ ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ।

### ଭୋଟ ଗଣତି ବେଳେ ଷ୍ଟ୍ରଙ୍ଗ୍ ରୁମ୍ ନିକଟରେ ନିଆଁ ଲାଗିଲା

ଭଞ୍ଜନଗର,୪।୬(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ମଙ୍ଗଳବାର ଆସିକା, ସୋରଡା ଏବଂ ଭଞ୍ଜନଗର ନିର୍ବାଚନମଣ୍ଡଳୀର ଭୋଟ ଗଣତି ଚାଲିଥିଲା। ଅପରାହ୍ନ ୧ଟା ସମୟରେ ହଠାତ୍ କଲେଜ ଅଧକ୍ଷଙ୍କ ରୁମ ନିକଟରେ ଶର୍ଟସର୍କିଟରୁ ନିଆଁ ଲାଗିଥିଲା। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଦମକଳ କେନ୍ଦ୍ର କର୍ମଚାରୀ ତୁରନ୍ତ ନିଆଁକୁ ଆୟତ୍ତ କରିଥିଲେ। ଫଳରେ ଏକ ବଡ଼ ଧରଣର ବିପଦ ଟଳିଯାଇଥିଲା।

### ୫୪୮ କେଜି ଗଞ୍ଜେଇ ଜବତ, ୮ ଗିରଫ

ବ୍ରହ୍ମପୁର,୪।୬ (ସୁବାସ ଚନ୍ଦ୍ର ପାଢ଼ୀ)

ଅବକାରୀ ବିଭାଗ ପକ୍ଷରୁ ବ୍ରହ୍ମପୁର ଓ ଏହାର ଉପକଣ୍ଠରେ ଥିବା ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ମୋଟ ୫୪୮ କେଜି ଗଞ୍ଜେଇ ଜବତ କରାଯିବା ସହ ୮ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଙ୍କ ନିକଟରୁ ୨ଟି ଅଟୋ ଏବଂ ୨ ଟି ବାଇକ ଜବତ ହୋଇଥିବା ଅବକାରୀ ଇନ୍ସପେକ୍ଟର ମନିଶା ଭୋଳ କହିଛନ୍ତି। ଅବକାରୀ ବିଭାଗ କମିଶନର ନରସିଂହ ଭୋଳ ଏବଂ ଗଞ୍ଜାମ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବ୍ରହ୍ମପୁର ଅବକାରୀ ବିଭାଗ ଷ୍ଟ୍ରାଇକିଂ ଫୋର୍ସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା। ପ୍ରଥମେ ବଡବଜାର ଥାନା ଅନ୍ତର୍ଗତ ଫାଷ୍ଟଗେଟଠାରେ ଯାଞ୍ଚ ଚାଲିଥିବା ବେଳେ ଏକ ଅଟୋରୁ ୧୨୮ କେଜି ଗଞ୍ଜେଇ ଜବତ ହୋଇଥିଲା । ତାହାକୁ ଚାଲାଣ କରୁଥିବା କନ୍ଧମାଳ ଜିଲା ବ୍ରହ୍ମଣୀଗାଁର ପ୍ରସନ୍ନ ମାଝି ଓ ମୁନା ପାଟଯୋଶୀଙ୍କୁ ଗିରଫ କରାଯାଇଛି। ସେମାନଙ୍କ ବୟାନକୁ ଆଧାର କରି କନିଷି ଠାରେ ଥିବା ଏକ ଘରେ ଚଢାଉ ବେଳେ ସେଠାରୁ ୩୦୦ କେଜି ଗଞ୍ଜେଇ ଜବତ ହୋଇଥିଲା । ଏହି ଗଞ୍ଜେଇ ମହଜୁଦ ରଖିବା ଅଭିଯୋଗରେ ଗଜପତି ଜିଲା ଛେଲିଗଡ ଅଞ୍ଚଳର ପ୍ରଦୀପ ମାଝି, ସମସନ ରଇତ, ସାମୁଏଲ ରଇତ, ସୁରେନ୍ଦ୍ର ରଇତଙ୍କୁ ଗିରଫ କରାଯାଇଥିଲା। ଉକ୍ତ ଘରୁ ୨ଟି ବାଇକ ମଧ୍ୟ ଜବତ କରାଯାଇଥିଲା। ସେହିପରି ରୋଲାଣ୍ଡ ଇଞ୍ଜିନିୟରିଂ କଲେଜ ନିକଟରୁ ଏକ ଅଟୋରୁ ୧୨୦ କେଜି ଗଞ୍ଜେଇ ଜବତ କରାଯାଇଛି। ଏହାକୁ ଚାଲାଣ କରୁଥିବା ଗଜପତି ଜିଲା ଆର. ଉଦୟଗିରି ଅଞ୍ଚଳର ହେମନ୍ତ ରଇତ ଓ ସନ୍ନିଧି ବର୍ଦ୍ଧନଙ୍କୁ ଗିରଫ କରାଯାଇଛି।

## କଡ଼ା ମୁକାବିଲାର ସମ୍ମୁଖୀନ ହୋଇ ଜିତିଲେ ନବୀନ

ହିଞ୍ଜିଳିକାଟୁ,୪।୬ (ଦ୍ୱିତୀକୃଷ୍ଣ ପଣ୍ଡା)





ଗଞ୍ଜାମ ଜିଲାରେ ଭାଜପାର ବିପୁଳ ବିଜୟ ବିଜେଡିର ଦୁର୍ଗ କୁହାଯାଉଥିବା ହିଞ୍ଜିଳିକୁ ମଧ୍ୟ ଦୋହଲାଇ ଦେଇଛି। ହିଞ୍ଜିଳିରେ ନବୀନ ପଟ୍ଟନାୟକ ମାତ୍ର ୪୬୪୯ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି । ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ଚଳିତ ନିର୍ବାଚନରେ ୬୬୩୫୮ ଖଣ୍ଡ ଭୋଟ ହାସଲ କରିଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ଶିଶିର ମିଶ୍ର କଡ଼ା ଟକ୍କର ଦେଇ ୬୧୭୦୯ ଭୋଟ ହାସଲ କରିଛନ୍ତି। କଂଗ୍ରେସ ପ୍ରାର୍ଥୀ ରଜନୀକାନ୍ତ ପାଢୀ ମାତ୍ର ୫୩୬୬ ଖଣ୍ଡ ଭୋଟ ହାସଲ କରିଛନ୍ତି। ନବୀନ ପଟ୍ଟନାୟକଙ୍କ ବିଜୟ ସତ୍ତ୍ୱେ ରାଜ୍ୟ ଶାସନ ପରିବର୍ତ୍ତନ ସ୍ପଷ୍ଟ ହେବା ହିଞ୍ଜିଳି ବିଜେଡି ଶିବିରରେ ବିଜେଡି ନେତା ଓ କର୍ମୀଙ୍କ ମଧ୍ୟରେ ନିରାଶ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଭାଜପା ହିଞ୍ଜିଳି ବିଧାନସଭା ପ୍ରାର୍ଥୀ ଶିଶିର ମିଶ୍ରଙ୍କ ପରାଜୟ ସତ୍ତ୍ୱେ କଡ଼ା ଟକ୍କର ଦଳର ନେତା ଓ କର୍ମୀଙ୍କୁ ଆଶ୍ୱସ୍ତ କରିଛି। ହିଞ୍ଜିଳି ବିଧାନସଭାରେ ଅନ୍ୟମାନଙ୍କ ମଧ୍ୟରେ ବହୁଜନସମାଜ ପାର୍ଟି ବଳରାମ ନାହାକ ୬୪୨ ଭୋଟ, ଏସୟୁସିଆଇ(କମ୍ୟୁନିଷ୍ଟ)ର ନାରାୟଣ ସାହୁ ୧୨୫୨ ଭୋଟ, ଆମ ଆଦମୀ ପାର୍ଟିରୁ ଭଜରାମ ସାବତ ୫୯୧ ଭୋଟ, ସ୍ୱାଧୀନ ପ୍ରାର୍ଥୀ ରାମ ନାରାୟଣ ବିଶ୍ୱାସରାୟ ୧୧୪୨ ଭୋଟ, ନବ ନିର୍ମାଣ କୃଷକ ସଂଘଠନର ଚାଷୀ ନେତା ଅକ୍ଷୟ କୁମାର ୯୨୨ ଭୋଟ, ଏସ. ଲକ୍ଷ୍ମୀ ଆଚାରୀ ୮୮୪ ଭୋଟ, ସବିତା କୁମାରୀ ସାହୁ ୮୨୨ ଭୋଟ ପାଇଥିବା ବେଳେ ନୋଟାରେ ୧୯୧୭ ଭୋଟ ପଡ଼ିଛି । ସୂଚନାଯୋଗ୍ୟ, ୨୦୧୯ ନିର୍ବାଚନରେ ହିଞ୍ଜିଳିରୁ ନବୀନ ୯୪ ହଜାର ୦୬୫ ଭୋଟ ପାଇଥିଲେ। ନିକଟତମ ଭାଜପା ପ୍ରାର୍ଥୀ ପୀତାମ୍ବର ଆଚାର୍ଯ୍ୟ ୩୩ ହଜାର ୯୦୫ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଥିଲେ।

## ଦିଗପହଣ୍ଡିରେ ଭାଜପାର ବାଜିମାତ



ଦିଗପହଣ୍ଡି,୪।୬(ଅଶେଷ ନାଥ ମିଶ୍ର)

ଦୀର୍ଘ ବର୍ଷ ଧରି ଦିଗପହଣ୍ଡି ବିଧାନସଭା କ୍ଷେତ୍ରକୁ ବିଜେଡି ଅକ୍ତିଆର କରି ଆସୁଥିବା ବେଳେ ଚଳିତ ନିର୍ବାଚନରେ ସବୁ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ଦିଗପହଣ୍ଡିରେ ପ୍ରଥମ ଥର ପାଇଁ ଭାଜପା ବାଜିମାତ କରିଥିବା ଜଣାପଡିଛି। ଭାଜପା ପକ୍ଷରୁ ସିନେ ଅଭିନେତା ଡ. ସିଦ୍ଧାନ୍ତ ମହାପାତ୍ର ୧୬୬୪୩ ଭୋଟ ବ୍ୟବଧାନରେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ବିପ୍ଳବ ପାତ୍ରଙ୍କୁ ପରାସ୍ତ କରିଛନ୍ତି। ସିଦ୍ଧାନ୍ତ ମହାପାତ୍ର ୭୨୫୭୨ ଭୋଟ, ବିଜେଡିର ବିପ୍ଳବ ପାତ୍ର, ୫୫୯୨୯, କଂଗ୍ରେସର ସାକା. ସୁଜିତ କୁମାର ୧୦୦୫୩, ବିଏସପି ନୀଳମାଧବ ମିଶ୍ର ୧୫୬୨, ସ୍ୱାଧୀନ ବୃନ୍ଦାବନ ଖଟେଇ ୧୧୭୯, ସ୍ୱାଧୀନ କାହ୍ନୁଚରଣ ପାତ୍ର ୯୫୯, ଭୋଟ ମିଳିଥିବା ଜଣାପଡ଼ିଛି।

## ହାରିଲେ ବିକ୍ରମ କେଶରୀ ଆରୁଖ

### ଭାଜପାରୁ ଭଞ୍ଜନଗରରେ ପ୍ରଦ୍ୟୁମ୍ନ, ସୋରଡ଼ାରେ ନୀଳମଣି ବିଜୟୀ

ଭଞ୍ଜନଗର,୪।୬(ବାବୁଲା ପ୍ରଧାନ)

ଭଞ୍ଜନଗର ନିର୍ବାଚନ ମଣ୍ଡଳୀରେ ଭାଜପା ବିଧାୟକ ପ୍ରାର୍ଥୀ ପ୍ରଦ୍ୟୁମ୍ନ କୁମାର ନାୟକ ବିଜୟୀ ହୋଇଛନ୍ତି । ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିକ୍ରମ କେଶରୀ ଆରୁଖଙ୍କୁ ୧୬୧୨୭ରୁ ଉର୍ଦ୍ଧ୍ୱ ଭୋଟରେ ପରାସ୍ତ କରିଛନ୍ତି। ଫଳରେ ଜଣାଶୁଣା ହେଭିଓ୍ୱେଟ କୁହାଯାଉଥିବା ବିକ୍ରମଙ୍କୁ ଶକ୍ତ ଧକ୍କା ଲାଗିଛି। ବିକ୍ରମ ସପ୍ତମ ଥର ପାଇଁ ବିଜୟୀ ହୋଇ ରାଜ୍ୟରେ ନୂଆଁ ରେକର୍ଡ କରିବେ ବୋଲି ଆଶା କରାଯାଉଥିଲା। କିନ୍ତୁ ପ୍ରଦ୍ୟୁମ୍ନ ବିକ୍ରମଙ୍କୁ ବ୍ରେକ ଦେଇ ଭଞ୍ଜନଗର ଇତିହାସରେ ଏକ ନୂଆଁ ରେକର୍ଡ କରିଛନ୍ତି। ସେହିଭଳି ସୋରଡ଼ାରେ ଭାଜପା ବିଧାୟକ ପ୍ରାର୍ଥୀ ନୀଳମଣି ବିଷୋୟୀ ମଧ୍ୟ ୨୦ ହଜାରରୁ ଉର୍ଦ୍ଧ୍ୱ ଭୋଟରେ ବିଜୟୀ ହୋଇଛନ୍ତି। ସେ ବିଜେଡିର ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ସ୍ତ୍ରୀ ସଂଘମିତ୍ରା ସ୍ୱାଇଁଙ୍କୁ ପରାସ୍ତ କରିଛନ୍ତି। ଉଭୟ ନିର୍ବାଚନ ମଣ୍ଡଳୀରେ ଭାଜପା ପ୍ରାର୍ଥୀଙ୍କ ବିଜୟରେ ଦଳୀୟ କର୍ମୀମାନେ ଖୁଶିବ୍ୟକ୍ତ କରିଛନ୍ତି।



ପ୍ରଦ୍ୟୁମ୍ନ ବିଜୟ ପରେ ପ୍ରମାଣପତ୍ର ଆଣିବାକୁ ଯାଉଛନ୍ତି।

## ଖଲ୍ଲିକୋଟରେ ବିଜେଡିର ଦୁର୍ଗ ଭାଙ୍ଗି ଇତିହାସ ରଚିଲା ଭାଜପା

### ବିଧାୟକ ଭାବେ ପୂର୍ଣ୍ଣଚନ୍ଦ୍ର ସେଠୀ ବିଜୟୀ

ପୁରୁଷୋତ୍ତମପୁର,୪।୬(ସୀମାଞ୍ଚଳ ମିଶ୍ର)

ଗଞ୍ଜାମ ଜିଲାର ଖଲ୍ଲିକୋଟ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡିର ଦୁର୍ଗକୁ ଭାଙ୍ଗି ଇତିହାସ ରଚିଛି ଭାଜପା। ପୂର୍ଣ୍ଣଚନ୍ଦ୍ର ସେଠୀ ବିଧାୟକ ଭାବେ ୨୨,୯୩୦ ଖଣ୍ଡ ଭୋଟରେ ବିଜୟୀ ହୋଇଛନ୍ତି। ସେ ୨୦୦୮ ଓ ୨୦୧୪ ଦୁଇଥର ବିଜେଡିରୁ ବିଧାୟକ ମଧ୍ୟ ହୋଇଥିଲେ। ୧୯୮୫ରୁ ଖଲ୍ଲିକୋଟ ନିର୍ବାଚନମଣ୍ଡଳୀଟି ଜନତା ଦଳ ଓ ବିଜୁ ଜନତା ଦଳ କବ୍‌ଜାରେ ରହିଆସିଥିଲା। ୨୦୨୪ ନିର୍ବାଚନରେ



ପୂର୍ଣ୍ଣଚନ୍ଦ୍ର ସେଠୀ।

ପୂର୍ଣ୍ଣଚନ୍ଦ୍ର ସେଠୀ ବିଜେଡି ଛାଡି ଭାଜପାରେ ସାମିଲ ହୋଇ ନିର୍ବାଚନ ଲଢିଥିଲେ। ବିଜେଡିର ଦୁର୍ଗକୁ ଭାଙ୍ଗିବା ସହ ବିଜେଡି ପ୍ରାର୍ଥୀ ସୂର୍ଯ୍ୟମଣି ବୈଦ୍ୟଙ୍କୁ ପରାସ୍ତ କରିଛନ୍ତି। ପୂର୍ଣ୍ଣଚନ୍ଦ୍ର ୮୦ ହଜାର ୬ ଖଣ୍ଡ ଭୋଟ ପାଇଥିବା ବେଳେ ସୂର୍ଯ୍ୟମଣି ୫୭ ହଜାର ୭୬ ଖଣ୍ଡ ଭୋଟ ପାଇଛନ୍ତି। କଂଗ୍ରସ ପ୍ରାର୍ଥୀ ଚିତ୍ରସେନ ବେହେରା ୭,୮୧୮ ଖଣ୍ଡ ଭୋଟ ପାଇଛନ୍ତି । ନୋଟାକୁ ୩ ,୭୯୫ ଖଣ୍ଡ ଭୋଟ ଯାଇଛି।

## ଛତ୍ରପୁରରୁ ବିଜୟୀ ହେଲେ ଭାଜପାର କୃଷ୍ଣଚନ୍ଦ୍ର ନାୟକ

ଛତ୍ରପୁର, ୪।୬ (ଦିଲୀପ ସାମଲ)

ଛତ୍ରପୁର ବିଧାୟକ ଭାବେ ନିର୍ବାଚିତ ହେଲେ ଭାଜପାର କୃଷ୍ଣଚନ୍ଦ୍ର ନାୟକ। ସେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ସୁବାସ ଚନ୍ଦ୍ର ବେହେରାଙ୍କୁ ୧୧୨୬୫ ଭୋଟରେ ପରାସ୍ତ କରିଛନ୍ତି। କୃଷ୍ଣଚନ୍ଦ୍ର ୭୪୬୨୭ ଭୋଟ ପାଇଥିବା ବେଳେ ସୁବାସ ୬୩୩୬୨ ଖଣ୍ଡ ଭୋଟ, କଂଗ୍ରେସର ଭାଗିରଥି ବେହେରା ୭୧୨୧, ସିପିଆଇର ଗୁରୁନାଥ ପ୍ରଧାନ ୩୯୫୫ ଖଣ୍ଡ ଭୋଟ ପାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ଲୋକେ ବିଶ୍ୱାସ କରି ଭାଜପାକୁ ବିଜୟୀ କରିଛନ୍ତି । ତେଣୁ ଲୋକଙ୍କ ସହିତ ମିଶି ସେମାନଙ୍କ ଦୁଃଖସୁଖରେ ନିଜକୁ ସାମିଲ କରିବେ ବୋଲି କୃଷ୍ଣ ନାୟକ କହିଛନ୍ତି।



## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଛତ୍ରପୁର,୪।୬(ଦିଲ୍ଲୀପ ସାମଲ):

ଛତ୍ରପୁର ଥାନା ବରଙ୍ଗ କଇଁଫୁଲିଆ ବନ୍ଧ ନିକଟରେ ଥିବା ଖଜୁରୀ ଗଛରୁ ମଙ୍ଗଳବାର ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ବରଙ୍ଗ ଗ୍ରାମର ସୁରେନ୍ଦ୍ର ତରେଇ (୪୭)। ଖଜୁରୀ ଗଛ ନିକଟରେ ମୃତ ସୁରେନ୍ଦ୍ରଙ୍କ ବାଇକ୍ ସହ ପେଣ୍ଟ ସାର୍ଟ ଏବଂ ହେଲେମେଣ୍ଟ ରହିଛି, ସୁରେନ୍ଦ୍ର ଏକ ରଙ୍ଗ ଗାମୁଛା ପିନ୍ଧିଥିବା ସହ ରସିରେ ଝୁଲୁଥିବା ଦେଖିବାକୁ ମିଳିଛି। ତେବେ ଏହା ହତ୍ୟା ନା ଆତ୍ମହତ୍ୟା ଜଣାପଡ଼ିନଥିବା ବେଳେ ତଦନ୍ତ ପରେ ସୁରେନ୍ଦ୍ରଙ୍କ ମୃତ୍ୟୁର ରହସ୍ୟ ଜଣାପଡ଼ିବ ବୋଲି ପୋଲିସ କହିଛି।

## ଚିକିଟିରେ ବାଜିମାତ କଲା ଭାଜପା



ମନୋରଞ୍ଜନ ଦ୍ୟାନସାମନ୍ତରା।

ଚିକିଟି/ପାତ୍ରପୁର,୪।୬(ପ୍ରକାଶ ଚନ୍ଦ୍ର ସାହୁ/ଉମାଚରଣ ନେପାକ)

ଦୀର୍ଘ ବର୍ଷ ପରେ ଚିକିଟି ନିର୍ବାଚନ ମଣ୍ଡଳୀରେ ପରିବର୍ତ୍ତନ ଦେଖାଦେଇଛି । ଲଗାତର ପାଞ୍ଚଥର ବିଜେଡିରୁ ଜିତିଥିବା ଉଷା ଦେବୀଙ୍କ ପୁତ୍ର ଚିନ୍ମୟନନ୍ଦ ଶ୍ରୀରୂପ ଦେଓଙ୍କୁ ପଛରେ ପକାଇ ଭାଜପା ପ୍ରାର୍ଥୀ ମନୋରଞ୍ଜନ ଦ୍ୟାନସାମନ୍ତରା ୬୪୬୫ ଭୋଟ ଅଧିକ ପାଇ ବିଜୟ ଲାଭ କରିଛନ୍ତି। ଚିକିଟିରେ ବିଜେଡି ଓ ଭାଜପା ମଧ୍ୟରେ କଡ଼ା ଟକ୍କର ହେବ ବୋଲି ସମସ୍ତେ ଆଶା କରୁଥିବା ବେଳେ ଚିକିଟି ଓ ପାତ୍ରପୁର ଉଭୟ ବ୍ଲକରେ ମନୋରଞ୍ଜନ ନିଜ ଦବଦବା ଜାହିର କରିଛନ୍ତି। ମନୋରଞ୍ଜନ ସମୁଦାୟ ୬୯୬୪୪ ଭୋଟ ପାଇଥିବା ବେଳେ ବିଜେଡି ପ୍ରାର୍ଥୀ ୬୩୧୭୯ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ, କଂଗ୍ରେସର ରବୀନ୍ଦ୍ର ଦ୍ୟାନସାମନ୍ତରା ୨୮୨୯ ଭୋଟ ପାଇ ତୃତୀୟ ସ୍ଥାନରେ ଅଛନ୍ତି। ନୋଟାରେ ୧୪୭୭ ଭୋଟ ପଡ଼ିଛି । ପ୍ରଥମ ଥର ଭାଜପା ବିଜୟରେ କର୍ମୀମାନେ ଖୁସି ମନାଇଥିବା ବେଳେ ମନୋରଞ୍ଜନଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

## ବିଜେଡି ଗଡ଼ରେ ଧସେଇ ପଶିଲା ଭାଜପା

### ଗୋପାଳପୁରରେ ବିଭୂତି ବିଜୟୀ

ଗୋପାଳପୁର,୪।୬(ନବୀନ ରାଜ ଆଚାରୀ)

ଗୋପାଳପୁର ବିଧାନ ସଭା ନିର୍ବାଚନ ମଣ୍ଡଳୀରେ ଭାଜପା ପ୍ରାର୍ଥୀ ବିଭୂତି ଭୂଷଣ ଜେନା ବାଜି ମାରିଛନ୍ତି । ବିଭୂତି ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ବିକ୍ରମ ପଣ୍ଡାଙ୍କୁ ୮୮୬୦ ଭୋଟ ବ୍ୟବଧାନରେ ପଛରେ ପକାଇ ବିଜୟୀ ହୋଇଛନ୍ତି। ଆଗାମୀ ଦିନରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ମତ ନେଇ ଅଞ୍ଚଳର ଉନ୍ନୟନ ମୂଳକ କାମକୁ ଆଗେଇ ନେବେ ବୋଲି ସେ କହିବା ସହ ଏହି ବିଜୟ ଗୋପାଳପୁରବାସୀଙ୍କ ବିଜୟ ବୋଲି ମତ ପ୍ରକାଶ କରିଥିଲେ। ଘୋଷଣା ହୋଇଥିବା ଫଳାଫଳ ଅନୁଯାୟୀ ସମସ୍ତ ୧୬ ରାଉଣ୍ଡ ଭୋଟ ଗଣତି ପ୍ରକାରେ ବିଭୂତି ୭୧, ୭୩୦ଖଣ୍ଡ ଭୋଟ ପାଇଥିବା ବେଳେ ବିକ୍ରମ ୬୨, ୮୭୦ ଭୋଟ ପାଇଛନ୍ତିଖ ସେହିପରି କଂଗ୍ରେସ ପ୍ରାର୍ଥୀ ଶ୍ୟାମସୁନ୍ଦର ସାହୁ ୩, ୩୨୩ ଖଣ୍ଡ ଭୋଟ ପାଇଁ ତୃତୀୟ ସ୍ଥାନ ରେ ରହିଛନ୍ତି। ଅନ୍ୟ ପଟେ ଜିଲା ପ୍ରଶାସନ ପକ୍ଷରୁ ବ୍ରହ୍ମପୁରସ୍ଥିତ ପଲିଟେକନିକ ଠାରେ



ଚାଲିଥିବା ଭୋଟ ଗଣତି କେନ୍ଦ୍ର ପକ୍ଷରୁ ୯ ରାଉଣ୍ଡର ତଥ୍ୟ ଦିଆ ଯାଇଥିବାବେଳେ ବେଳେ ପ୍ରାୟ ଅପରାହ୍ନ ୧ଟା ପରଠାରୁ କୌଣସି ତଥ୍ୟ ପ୍ରଦାନ କରା ଯାଇ ନ ଥିଲା। ଏହାକୁ ନେଇ ଭାଜପା ସମର୍ଥକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଅନ୍ୟପଟେ ୧୬ ରାଉଣ୍ଡ ମଧ୍ୟରୁ ୯,୧୨,୧୫ ଓ ୧୬ରେ ବିଜେଡି ଆଗୁଆ ରହିଥିବା ବେଳେ ଅନ୍ୟ ସମସ୍ତ ୧୨ଟା ରାଉଣ୍ଡରେ ଭାଜପା ଆଗୁଆ ରହିବା ସହ ଏକତରଫା ବିଜୟ ହାସଲ କରିଥିଲା। ବିଭୂତି ବିଜୟୀ ଘୋଷଣା ହେବା ପରେ ଗୋଳନ୍ଥରା ସ୍ଥିତ ବନ୍ଦେ ମାତରଂ ଭବନ ପରିସରରେ ତାଙ୍କୁ ସମ୍ବର୍ଦ୍ଧିତ କରିବା ନିମନ୍ତେ ସମର୍ଥକଙ୍କ ଭିଡ ଜମିଥିଲା।

## ଦୀର୍ଘବର୍ଷ ପରେ ଗଞ୍ଜାମରେ ପରିବର୍ତ୍ତନର ଝଲକ

ବ୍ରହ୍ମପୁର,୪।୬
(ଅଶୋକ କୁମାର ସାହୁ)

ଦୀର୍ଘ ବର୍ଷ ପରେ ଗଞ୍ଜାମ ରାଜନୀତିରେ ପରବର୍ତ୍ତନର ଝଲକ ଦେଖିବାକୁ ମିଳିଛି। ଜିଲାର ୧୩ ନିର୍ବାଚନ ମଣ୍ଡଳୀରୁ ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ରମେଶ ଜେନା ବିଜୟୀ ହୋଇଥିବା ବେଳେ ହିଞ୍ଜିଳି ଆସନରେ ନବୀନ ପଟ୍ଟନାୟକ ବିଜୟୀ ହୋଇଛନ୍ତି। ଜିଲାର ଅନ୍ୟ ଅନ୍ୟ ସମସ୍ତ ବିଧାସଭା ଆସନରେ ଭାଜପା ପ୍ରାର୍ଥୀମାନେ ଜିତିଛନ୍ତି। ଏଭଳି ଅପ୍ରତ୍ୟାଶିତ ପରିବର୍ତ୍ତନ ଦଳୀୟ ନେତୃବୃନ୍ଦଙ୍କୁ ଆଶ୍ଚର୍ଯ୍ୟ କରିଛି। ଅନେକ ବର୍ଷ ଧରି ଶାସନ କରି ଆସୁଥିବା ବିଜେଡିକୁ ଓଡ଼ିଶା ଦାୟିତ୍ୱ ଦେବାକୁ ଲୋକେ ନାଁ କରିଛନ୍ତି। ଭୋଟଗଣତି ଆରମ୍ଭରୁ ଅନେକ ଆଶା ଆଶଙ୍କା ଭିତରେ ଥିବା ବିଭିନ୍ନ ଦଳର କର୍ମୀମାନେ ସେମାନଙ୍କ ନେତାମାନେ ଜିତିବା ନେଇ ଆଲୋଚନା କରୁଥିଲେ। କିନ୍ତୁ ଭୋଟଗଣତି ଶେଷ ହେବାବେଳକୁ ସେମାନଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ ଦେଖିବାକୁ ମିଳିଥିଲା। ବ୍ରହ୍ମପୁରଠାରେ ଅନୁଷ୍ଠିତ ଭୋଟ ଗଣତି କେନ୍ଦ୍ର ନିକଟରେ ବ୍ରହ୍ମପୁର, ଗୋପାଳପୁର, ଦିଗପହଣ୍ଡି, ଚିକିଟି, ସାନଖେମୁଣ୍ଡି ଆଦି ନିର୍ବାଚନ ମଣ୍ଡଳୀର ଲୋକଙ୍କ ନିକଟକୁ ଯାଇ ଏଭଳି ପରିବର୍ତ୍ତନ କାହିଁକି ବୋଲି ପଚାରିବାରୁ ସେମାନଙ୍କ କହିବା କଥା ହେଲା ଓଡ଼ିଶାରେ ଏକଛତ୍ରବାଦ ଶାସନ ଚାଲିଥିଲା। ଯାହା ବିକାଶ ହେବା କଥା ତାହା ହୋଇନାହିଁ। ଅନ୍ୟପକ୍ଷରେ ମୋଦୀ ଲହରର ପ୍ରଭାବରୁ ଏଭଳି ହୋଇଛି। ଆଉ କେତେକ କହିଥିଲେ ଯେ, ଗଞ୍ଜାମରୁ ଅନେକ ଦାଦନ ବାହାର ରାଜ୍ୟକୁ କାମ କରିବାକୁ ଯାଉଛନ୍ତି।ସେଥିମଧ୍ୟରୁ କେତେଜଣଙ୍କ ଅକାଳରେ ଜୀବନ ଯାଉଛି। ପରିବାର ବେସାହାରା ହୋଇଯାଉଛି। ଗ୍ରାମାଞ୍ଚଳର ଯୁବ ପିଢ଼ିଙ୍କୁ ନିଯୁକ୍ତି ଦେବାରେ ସରକାର ବିଫଳ ହେବା ଏହି ପରିବର୍ତ୍ତନର ଜନାଦେଶରୁ ସ୍ପଷ୍ଟ ହୋଇଛି।

### ଆମେ ଭେଟିଥିଲୁ



ଜଳସେଚନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଦୀର୍ଘବର୍ଷ ହେଲା ଗାଁ ଗାଁରେ ପାନୀୟ ଜଳ ସମସ୍ୟାରେ ଲୋକେ ସନ୍ତୁଳିତ ହେଉଛନ୍ତି। ତେଣୁ ଲୋକେ ପରିବର୍ତ୍ତନର ନିଷ୍ପତ୍ତି ନେଇଛନ୍ତି।
**କୁରେଶୁ ମହାରଣା, (ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ)**



ଦୀର୍ଘବର୍ଷ ହେଲା ଏକଛତ୍ରବାଦ ଶାସନ ଚାଲିଥିଲା। ଲୋକଙ୍କ ସମସ୍ୟା ବଢ଼ିଯାଇଥିଲା। ରାସ୍ତାଘାଟଠାରୁ ଆରମ୍ଭ କରି ଯୁବପିଢ଼ିଙ୍କୁ ନିଯୁକ୍ତି କ୍ଷେତ୍ରରେ ବିଜେଡି ସରକାର ବିଫଳ ହୋଇଥିଲା। ଏହି ସରକାର ବିଭିନ୍ନ କଥା କହି ଲୋକଙ୍କୁ ଭୁଆଁ ବୁଲାଇ ଚାଲିଥିଲା। ତେଣୁ ଲୋକେ ପରିବର୍ତ୍ତନ ଚାହିଁଲେ।
**ଶ୍ୟାମ ସୁନ୍ଦର ସାହୁ, (ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀ)**



ଅନେକ ସମସ୍ୟାରେ ଓଡ଼ିଶାବାସୀ ସନ୍ତୁଳିତ ହେଉଥିଲେ। ଜଳସେଚନ ବ୍ୟବସ୍ଥାଠାରୁ ଆରମ୍ଭ କରି ଯୁବପିଢ଼ିଙ୍କୁ ନିଯୁକ୍ତି କ୍ଷେତ୍ରରେ ଏହି ସରକାର ବିଫଳ ହୋଇଥିଲା। ଏକଛତ୍ରବାଦ ଶାସନକୁ ଲୋକେ ଆଉ ପସନ୍ଦ କଲେନି। ତେଣୁ ଅନ୍ୟ ସରକାର ଆସିଲେ କିଛି କାମ ହେବ ବୋଲି ଆଶା ରଖି ଲୋକେ ଏଭଳି ପରିର୍ବନ କରିଛନ୍ତି।
**ଦୀନବନ୍ଧୁ ଓଡ଼ିଆ (ଚିକିଟି ନିର୍ବାଚନ ମଣ୍ଡଳୀ)**



ରାଜ୍ୟରେ ମନମୁଖୀ ଶାସନ ଚାଲିଥିଲା। ସବୁ କ୍ଷେତ୍ରରେ ଲୋକଙ୍କୁ କୌଣସି ସୁବିଧା ମିଳିଲାନି। ଯୁବପିଢ଼ିଙ୍କୁ ନିଯୁକ୍ତି ଦେବା କ୍ଷେତ୍ରରେ ଏହି ସରକାର ବିଫଳ ହେବାରୁ ଏହି ଅଞ୍ଚଳର ଅନେକ ଲୋକ ଦାଦନ ଖଟିବାକୁ ମନ ବଳାଇଥିଲେ। ତେଣୁ ବିଭିନ୍ନ ଆଶା ନେଇ ଲୋକେ ସରକାର ପରିବର୍ତ୍ତନ କରିଛନ୍ତି।
**ମନୋଜ କୁମାର ସାହୁ, ଗୋପାଳପୁର ନିର୍ବାଚନ ମଣ୍ଡଳୀ**



ବିଜେଡି ସରକାର ଅମଳରେ ଗ୍ରାମାଞ୍ଚଳରେ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇଛି। ଗାଁ ଗାଁରେ ପ୍ରକଳ୍ପ ହୋଇଥିଲେ ବି ଲୋକଙ୍କୁ ପାଣି ମିଳୁନି। ଗଞ୍ଜାମରୁ ଅନେକ ଦାଦନ କାମଧନ୍ଦା ଅଭାବରୁ ବାହାର ରାଜ୍ୟକୁ ଯାଇ ଖଟୁଥିବାବେଳେ ସେଠାରେ ନିର୍ଯାତନାର ଶିକାର ହେଉଛନ୍ତି। ତେଣୁ ଏଭଳି ସରକାରଙ୍କୁ ପ୍ରତ୍ୟାଖ୍ୟାନ କରିବାକୁ ବାଧ୍ୟ ହୋଇଛନ୍ତି।
**ପ୍ରଭାକର ତ୍ରିପାଠୀ, (ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀ)**

